# ସଂସ୍କାରର ସୀମା ନାହିଁ

୧୧/୦୯/୧୯୮୮

ପାର୍ଲାମେଣ୍ଟରେ ଆଗତ ମାନହାନି ବିଲ୍‌ର ପ୍ରତିବାଦରେ ଗତ ସପ୍ତାହରେ ସମ୍ବାଦପତ୍ର ମାଲିକ, ସମ୍ପାଦକ ଏବଂ ସାମ୍ବାଦିକ ମାନଙ୍କ ମଧ୍ୟରେ ଯେଉଁ ଅଭୂତପୂର୍ବ ଏକତା ପ୍ରଦର୍ଶିତ ହୋଇଛି, ତାହା ସ୍ୱାଧୀନୋତ୍ତର ଭାରତ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ହୋଇ ରହିବ। ବିଶେଷ କରି ନିକଟ ଅତୀତରେ ମୁଦ୍ରିତ ଗଣମାଧ୍ୟମ 'ବିଶ୍ୱାସ-ସଙ୍କଟ'ର ସମ୍ମୁଖୀନ ହୋଇଥିବା ପରିପ୍ରେକ୍ଷୀରେ ଏପ୍ରକାର ମତୈକ୍ୟ ଯେଉଁ କାରଣରୁ ହେଉନା କାହିଁକି, ନିଶ୍ଚିତ ଭାବରେ ଏକ ଶୁଭସଙ୍କେତ। ତେଣୁ ମାନହାନି ବିଲ୍ ସମ୍ପର୍କରେ ଯେତେ ଆଲୋଚନା ଏବଂ ବାଦବିସମ୍ବାଦ ହେବ ତାହା ସେତିକି ସ୍ୱାଗତଯୋଗ୍ୟ।

ଅବଶ୍ୟ ସମସ୍ତ ଗଣମାଧ୍ୟମ ବର୍ତ୍ତମାନ ଏକ ନୂଆ ଉତ୍ସାହ ଓ ଉତ୍ତେଜନା ନେଇ ଅଙ୍ଗୀକାରବଦ୍ଧ ଭାବେ ମାନହାନି ବିଲ୍ ପ୍ରତ୍ୟାହାରକୁ ଏକ ମୌଳିକ ଦାବୀ ଭାବରେ ଉପସ୍ଥାପିତ କରୁଛନ୍ତି ଏବଂ ଏଥିରେ କୌଣସି ପ୍ରକାର ସାଲିସକୁ ବରଦାସ୍ତ କରାଯିବ ନାହିଁ ବୋଲି ଦୃଢ଼ ଯୁକ୍ତି ବାଢ଼ୁଛନ୍ତି। ଆମ ବିଚାରରେ ମାତ୍ରାଧିକ ଉତ୍ସାହ ଓ ଉତ୍ତେଜନା ଅନେକ ସମୟରେ ମୂଳପ୍ରଶ୍ନଠାରୁ ଦୂରେଇ ଯିବାରେ ସହାୟକ ହୋଇଥାଏ। ତେବେ ମୂଳ ପ୍ରଶ୍ନଟି କ'ଣ ? ଗତ ସପ୍ତାହରେ ଏନେଇ ବହୁ ପ୍ରଶ୍ନ ଉତ୍ଥାପିତ ହୋଇଛି। ସମ୍ପ୍ରତି ଯେଉଁ ଆଇନ ବ୍ୟବସ୍ଥା ସମ୍ବାଦପତ୍ର ମାନଙ୍କ ପାଇଁ ରହିଛି ତାହା ଯଥେଷ୍ଟ ବୋଲି କୁହାଯାଉଛି। ପରିବର୍ତ୍ତିତ ବ୍ୟବସ୍ଥାରେ ଖବରକାଗଜ ଓ ପତ୍ରପତ୍ରିକା ଗୁଡ଼ିକର ସ୍ୱାଧୀନତା ଅତିମାତ୍ରାରେ ସଙ୍କୁଚିତ ହୋଇଯିବା ଆଶଙ୍କା କରାଯାଉଛି ଏବଂ ବିଲ୍‌ରେ ଯେଉଁ ସଂଶୋଧନ ଅଣାଯାଇଛି ତାହାଦ୍ୱାରା ସରକାରୀ ନିୟନ୍ତ୍ରଣରେ ଥିବା ମାଧ୍ୟମଗୁଡ଼ିକ ପ୍ରତି ଏବଂ ସରକାରୀ ବ୍ୟବସ୍ଥାରେ ଥିବା ରାଜନୈତିକ ଓ ପ୍ରଶାସନିକ ଅଧିକାରୀ ମାନଙ୍କ ପ୍ରତି ଅହେତୁକ ଦରଦ ଓ କୋହଳ ମନୋଭାବ ରଖାଯାଉଛି ଇତ୍ୟାଦି.... ଇତ୍ୟାଦି..... ଆମ ବିଚାରରେ ପ୍ରଥମ ପ୍ରଶ୍ନ ହେଲା ଏକ ସଭ୍ୟ, ସଂସ୍କୃତ ଓ ସ୍ୱାଭିମାନୀ ସମାଜରେ ମାନହାନିର କୌଣସି ଅବକାଶ ରହିବା ଉଚିତ ନୁହେଁ। ଯଦି କେହି କୌଣସି କୌଣସି କାରଣରୁ କାହାର ମାନହାନି ପାଇଁ ଉଦ୍ୟମ କରେ, ତା'ହେଲେ ତାର ପ୍ରତିକାର ଏବଂ ପ୍ରତିରୋଧ ପାଇଁ ପର୍ଯ୍ୟାପ୍ତ ନ୍ୟାୟବ୍ୟବସ୍ଥା ରହିବା ଉଚିତ। ତେଣୁ ମୂଳପ୍ରଶ୍ନଟି ହେଉଛି ବର୍ତ୍ତମାନ ଆମ ସମାଜରେ ଜଣେ ବ୍ୟକ୍ତିକୁ ତାର 'ମାନହାନି'ରୁ ରକ୍ଷା କରିବା ପାଇଁ ଯେଉଁ ବ୍ୟବସ୍ଥା ଅଛି ତାହା ଯଥେଷ୍ଟ କି ? ଯୁକ୍ତି କରାଯାଉଛି ଯେ ସାମ୍ପ୍ରତିକ ବ୍ୟବସ୍ଥା ସବୁ ଦିଗରୁ ଯଥେଷ୍ଟ। ଏଥିରେ ଅଧିକ ସଂସ୍କାରର ଆଦୌ ଆବଶ୍ୟକତା ନାହିଁ। ଆମେ କିନ୍ତୁ ଏଥିରେ ଏକମତ ହୋଇପାରୁ ନାହୁଁ। ଆମ ବିଚାରରେ ସଂସ୍କାରର କୌଣସି ସୀମା

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ନାହିଁ। ଯେଉଁମାନେ ସଂସ୍କାରର ଶେଷ ସୀମାରେ ପହଞ୍ଚିଗଲେଣି ବୋଲି ଯୁକ୍ତି କରୁଛନ୍ତି ସେମାନେ ଅପସଂସ୍କୃତି ବା ଅବକ୍ଷୟର ଅଶୁଭ ସୂଚନା ଦେଉଛନ୍ତି ବୋଲି କହିବାକୁ ହେବ। ତେବେ ଏ ସଂସ୍କାର କିପରି ଏବଂ କେଉଁ ପରିମାଣରେ ହେବା ଉଚିତ ସେ ବିଷୟରେ ବିତର୍କ ପାଇଁ ଯଥେଷ୍ଟ ଅବକାଶ ଅଛି। ମାନହାନି ବିଲ୍ ସମ୍ପର୍କରେ ଆମେ ମୁଦ୍ରିତ ମାଧ୍ୟମ ସହ ସମ୍ପୃକ୍ତ ଥିବା ବ୍ୟକ୍ତିମାନେ ଅତିମାତ୍ରାରେ ଆତ୍ମସଚେତନ ହେବା ସ୍ୱାଭାବିକ।

ଆମ ଭାରତରେ ମୁଦ୍ରିତ ଗଣମାଧ୍ୟମଟିକୁ ଛାଡ଼ିଦେଲେ ଅନ୍ୟସବୁ ଗଣମାଧ୍ୟମ ଗୁଡ଼ିକ ମୋଟାମୋଟି ସରକାରୀ ନିୟନ୍ତ୍ରଣାଧୀନ। ତେଣୁ ବ୍ୟକ୍ତି ସ୍ୱାଧୀନତା ବିଶେଷ କରି ମୁକ୍ତଚିନ୍ତାର ପ୍ରକାଶ କରିବାର ସ୍ୱାଧୀନତା ସହ ଖବରକାଗଜର ସ୍ୱାଧୀନତା ଅଙ୍ଗାଙ୍ଗୀଭାବେ ଜଡ଼ିତ। ସରକାର ଏବଂ ଖବରକାଗଜକୁ ନେଇ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏକ ସ୍ୱତନ୍ତ୍ର ସମ୍ପର୍କର ପରିକଳ୍ପନା ମଧ୍ୟ କରାଯାଇଛି। ଏହାକୁ ଗଣତନ୍ତ୍ରର 'ଚତୁର୍ଥ ସ୍ତମ୍ଭ' ବା 'ଫୋର୍ଥ ଇଷ୍ଟେଟ୍' ଭାବେ ଅଭିହିତ କରାଯାଇ ସ୍ୱାଧୀନତାର ରକ୍ଷାକବଚ ଭାବେ ବର୍ଣ୍ଣନା କରାଯାଇଛି ଏବଂ ଏ ସମ୍ପର୍କ ଗୋଟିଏ ମହତ୍ ଓ ମୌଳିକ ଆଭିମୁଖ୍ୟକୁ ନେଇ ଲଢୁଥିବା ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ଭିତରର ସମ୍ପର୍କ। ସେ ଦୃଷ୍ଟିରୁ ସରକାର ମାନହାନି ବିଲ ପରି ଏକ ଗୁରୁତ୍ୱପୂର୍ଣ୍ଣ ଓ ସଂସ୍କାରଧର୍ମୀ ବିଲ୍ ଲୋକସଭାରେ ଆଗତ କରିବା ପୂର୍ବରୁ ମୁଦ୍ରିତ ଗଣମାଧ୍ୟମ ସହିତ ଆଲୋଚନା କରି ସେମାନଙ୍କୁ ତାଙ୍କର ବିଶ୍ୱାସକୁ ନେବା ଅଧିକ ଉଚିତ ହୋଇଥାନ୍ତା। ପ୍ରଧାନମନ୍ତ୍ରୀ ବିଳମ୍ବରେ ହେଲେ ମଧ୍ୟ ଏହାକୁ ହୃଦୟଙ୍ଗମ କରି ପାରିଥିବା ଏବଂ ବିନାସର୍ତ୍ତରେ ଯେକୌଣସି ବ୍ୟକ୍ତି ବା ଅନୁଷ୍ଠାନ ସହ ଏ ସମ୍ପର୍କରେ ଆଲୋଚନା କରିବା ପାଇଁ ଆହ୍ୱାନ କରିଥିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ।

ସମ୍ବାଦପତ୍ରର ସ୍ୱାର୍ଥରକ୍ଷା ପାଇଁ ଯୁକ୍ତି ବାଢ଼ୁଥିବା ସମସ୍ତ ବ୍ୟକ୍ତି ଏ ଆହ୍ୱାନର ସୁଯୋଗ ନେବେ ବୋଲି ଆମେ ଆଶାକରୁ। ମାତ୍ର ତା'ନହୋଇ ଯଦି ବେସାଲିସ ଓ ଏକଜିଦିଆ ମନୋଭାବର ପ୍ରାଧାନ୍ୟ ରହେ, ତା'ହେଲେ ସଂସ୍କାର ପାଇଁ ଏକ ଅପୂର୍ବ ସୁଯୋଗ ଆମ ସମସ୍ତଙ୍କର ହାତଛଡ଼ା ହୋଇଯିବ। ସଂସଦୀୟ ଗଣତନ୍ତ୍ରରେ ଆଇନ-ସଂସ୍କାର ପାଇଁ ସବୁବେଳେ ସମାନ ସୁଯୋଗ ଆସେନାହିଁ। ବର୍ତ୍ତମାନର ସରକାରଙ୍କ ପାଖେ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ରହିଛି ଏବଂ ସଂସ୍କାର ପାଇଁ ନିଜଆଡୁ ସରକାର ପ୍ରସ୍ତାବ ଆଣିଛନ୍ତି। ଆମର ଦାୟିତ୍ୱ ହେଲା ଯେ ସଂସ୍କାର ଗୁଡ଼ିକ ଯେପରି ସୀମା ଭିତରେ ରହେ ଏବଂ ସରକାରଙ୍କୁ ସଠିକ ପରାମର୍ଶ ଦିଆଯାଇ ପାରେ, ସେ ଦିଗରେ ଯତ୍ନବାନ ହେବା। କାରଣ ଏସବୁ ପଛରେ ମୂଳ ପ୍ରଶ୍ନ ହେଲା 'ବ୍ୟକ୍ତି'ର ପ୍ରଶ୍ନ। ଆଜି ଆମେ ଯେଉଁମାନେ ସମ୍ବାଦପତ୍ରର ସ୍ୱାଧୀନତା କଥା ଚିନ୍ତା କରୁଛୁ, ସମସ୍ତେ ଜାଣୁ ଓ ବିଶେଷ କରି ସମ୍ପାଦକ ମାନେ ଭଲଭାବେ ଅନୁଭବ କରନ୍ତି ଯେ ଆମମାନଙ୍କର ସ୍ୱାଧୀନତା କେଉଁଠାରେ ସଙ୍କୁଚିତ ହେଉଛି। ସରକାରୀ କଳ ଅପେକ୍ଷା ପୁଞ୍ଜିବାଦୀ ବ୍ୟବସ୍ଥା, ଆଧୁନିକୀକରଣର ଚାହିଦା ଏବଂ ସାଧାରଣ ପାଠକ ମାନଙ୍କର ଅର୍ଥନୈତିକ ଅବସ୍ଥା ତଥା ତାଙ୍କର ସାମାଜିକ ପରିବେଶ ମୁଦ୍ରିତ ଗଣମାଧ୍ୟମର ସ୍ୱାଧୀନତାକୁ ଅଧିକ ସଙ୍କୁଚିତ କରୁଛି। ଏ ସମସ୍ତ ବିଷୟରେ ଆମମାନଙ୍କ ମଧ୍ୟରେ ଅନୁରୂପ ସଚେତନତା ପ୍ରକାଶ ପାଇବା ଓ ଆଲୋଚନା ହେବା ଉଚିତ। 'ଶାନ୍ତି' ପରି ସ୍ୱାଧୀନତା ଏପରି ଏକ ବସ୍ତୁ ଯାହାର ବିଭାଜନ ସମ୍ଭବ ନୁହେଁ। କିଛିଲୋକ ସ୍ୱାଧୀନତା ପାଇବେ ଏବଂ ଅନୁଭବ କରିବେ ଓ ଅନ୍ୟମାନେ ସେଥିରୁ ବଞ୍ଚିତ ହେବେ ଏହା ମଧ୍ୟ ଗ୍ରହଣଯୋଗ୍ୟ ହେବନାହିଁ। ମୁଦ୍ରିତ ମାଧ୍ୟମ ଆଜି ଯେପରି ଭାବରେ ବିଭାଜିତ ଏବଂ ବିଶ୍ୱାସ ସଙ୍କଟରେ ସଂକ୍ରମିତ ସେ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କର ସର୍ତ୍ତହୀନ ଆଲୋଚନା ପାଇଁ ଆହ୍ୱାନ ଓ ଆମ ସମସ୍ତଙ୍କର ଆତ୍ମସଚେତନତା, ବ୍ୟକ୍ତି ସ୍ୱାଧୀନତାକୁ ଅଗ୍ରାଧିକାର ଦେଇ ଗ୍ରହଣଯୋଗ୍ୟ ସଂସ୍କାର ଆଣିବାରେ ସହାୟକ ହେଉ, ଏହାହିଁ ଆମର କାମନା।